# ଓଡିଶା ସରକାର ଓ ସୂଚନା କମିଶନ୍: ଶୁଣ୍ଢୀ ସାକ୍ଷୀ ମାତାଲ୍

## ସରକାରଙ୍କ ଦ୍ୱାରା ନିଜ ଗଢା ନିୟମର ଉଲ୍ଲଂଘନ

ସୂଚନା ଅଧିକାର ଆଇନ୍, ୨୦୦୫ ଓଡିଶା ସମେତ ସାରା ଦେଶରେ ଗତ ୧୫ ଜୁନ୍ ୨୦୦୫ରୁ ଲାଗୁହେବାର ଅଢେଇ ବର୍ଷରୁ ଉର୍ଦ୍ଧ୍ୱ ଏବଂ ରାଜ୍ୟ ସୂଚନା କମିଶନ୍ ୨୦ ନଭେମ୍ବର ୨୦୦୫ରୁ ଗଠିତ ହେବା ପରଠାରୁ ଯା ଭିତରେ ୨ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିଗଲାଣି । କିନ୍ତୁ ଏ ପର୍ଯ୍ୟନ୍ତ ଏହି ଆଇନ୍‌ର ସୁଫଳ ଏ ରାଜ୍ୟର ଲକ୍ଷଲକ୍ଷ ଗରୀବ ଓ ନିରକ୍ଷର ଲୋକଙ୍କ ପାଖରେ ପହଞ୍ଚିବା ଦୂରର କଥା, ଖୋଦ୍ ରାଜଧାନୀରେ ସଚିବାଳୟ ଠାରୁ ଆରମ୍ଭ କରି ଛୋଟବଡ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଏହାର କୌଣସି ପ୍ରଭାବ ସୁଦୃଶ୍ୟ ହେଉନାହିଁ । ଉଦାହରଣ ସ୍ୱରୂପ, ଆଇନ୍‌ର ଧାରା ୪ ତାଗିଦ୍‌ରେ ରାଜ୍ୟର ତଦାନୀନ୍ତନ ପ୍ରମୁଖ ଶାସନ ସଚିବ ୨୮ ଅକ୍ଟୋବର ୨୦୦୫ରେ ଜାରି କରିଥିବା କ୍ରିୟାନ୍ୱୟନ ମାର୍ଗଦର୍ଶୀକାର ଅନୁଚ୍ଛେଦ-୧୫ରେ ନିର୍ଦ୍ଦେଶ ଦେଇଥିଲେ ଯେ, ପ୍ରତି ବିଭାଗର ସମସ୍ତ ଦପ୍ତରଗୁଡିକ ନିଜନିଜ କାର୍ଯ୍ୟାଳୟ ସାମନାରେ ଜନସୂଚନା ଅଧିକାରୀ (ପି.ଆଇ.ଓ.) ଏବଂ ଅପିଲ୍ ଅଧିକାରୀଙ୍କ ନାମ ଓ ପଦବୀର ଘୋଷଣାକୁ ସୁଦୃଶ୍ୟ ଭାବେ ପ୍ରଦର୍ଶନ କରିବେ, ଯାହା ଫଳରେ ଜଣେ ସାଧାରଣ ବ୍ୟକ୍ତି କାହା ପାଖରେ ସୂଚନା ପାଇଁ ଆବେଦନ କରିବେ ବା କାହା ପାଖରେ ଫିସ୍ ଜମାଦେବେ କିମ୍ବା କେଉଁ ପି.ଆଇ.ଓ.ର ଅସହଯୋଗ କିମ୍ବା ଦୁର୍ବ୍ୟବହାର ବିରୁଦ୍ଧରେ କେଉଁ ଅଧିକାରୀଙ୍କ ପାଖରେ ଅପିଲ୍ କରିବେ, ତାକୁ ନେଇ କୌଣସି ଭ୍ରମରେ ପଡିବେ ନାହିଁ । ବର୍ତ୍ତମାନ ସୁଦ୍ଧା ସଚିବାଳୟ ସାମନାରେ ବିଭିନ୍ନ ବିଭାଗ ପାଇଁ ଏପରି ଘୋଷଣା ଫଳକ ସ୍ଥାନିତ ହୋଇପାରିନି, ତଳ ସ୍ତରର କାର୍ଯ୍ୟାଳୟଗୁଡିକ ସମ୍ବନ୍ଧରେ କ'ଣ କହିବା ?

## ସରକାର ଓ କମିଶନ୍ ଭିତରେ କୋଳାକୋଳି

ପ୍ରଶ୍ନ ଉଠୁଛି, ଖୋଦ୍ ସରକାର ଆଇନ୍‌ର ତାଗିଦ୍‌ରେ ନିଜେ ଗଢିଥିବା ନୀତିନିୟମକୁ ଯେତେବେଳେ ଉଲ୍ଲଂଘନ କରିଚାଲିଛନ୍ତି, ତାଙ୍କୁ ଏ ବିଷୟରେ ଚେତେଇବ କିଏ ? ଠିକ୍ ଏଇଥି ପାଇଁ ଆଇନ୍‌ର ଧାରା ୨୫(୫)ରେ ସେହି ଉଲ୍ଲଂଘନକାରୀ ଜନକର୍ତ୍ତୃପକ୍ଷଙ୍କୁ ବାଟକୁ ଆଣିବା ପାଇଁ ସୂଚନା କମିଶନ୍‌ଙ୍କୁ ବିପୁଳ କ୍ଷମତା ଦିଆଯାଇଛି । କିନ୍ତୁ ଲକ୍ଷ୍ୟ କରାଯାଉଛି, କମିଶନ୍ ସରକାରଙ୍କୁ ବାଟ କଢେଇବେ କ'ଣ, ନିଜେ ଅନେକ କ୍ଷେତ୍ରରେ ଅବାଟରେ ଯାଉଛନ୍ତି, ଏବଂ ସରକାର ଏଥିପାଇଁ ପ୍ରୋତ୍ସାହନ ଦେଇ ଚାଲିଛନ୍ତି । ଉଦାହରଣ ସ୍ୱରୂପ, କମିଶନ୍ ନିଜ ୱେବ୍‌ସାଇଟ୍‌ରେ ଦେଇଥିବା ପରିସଂଖ୍ୟାନରୁ ଜଣାପଡେ ଯେ, ୨୦୦୬ରେ ୪୪୪ ଏବଂ ୨୦୦୭ରେ ୫୦୮ ମିଶି ଏପର୍ଯ୍ୟନ୍ତ ମୋଟ୍ ୧୦୫୨ଟି କେଶ୍ ଫଇସଲା କରିଛନ୍ତି, ଏବଂ ଏଥିମଧ୍ୟରୁ ମାତ୍ର ୨୮ଟି କେଶ୍ (ଯାହାକି ମାତ୍ର ଶତକଡା ୨.୬)ରେ ଧାରା ୨୦(୧) ଅନୁଯାୟୀ ସଂପୃକ୍ତ ପି.ଆଇ.ଓ.ଙ୍କ ବିରୁଦ୍ଧରେ ଆର୍ଥିକ ଜୋରିମାନା ଲାଗୁ କରିଛନ୍ତି ଏବଂ ଗୋଟିଏ ବି କେଶ୍‌ରେ ଧାରା ୨୦(୨) ଅନୁଯାୟୀ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କରିନାହାନ୍ତି । କେବଳ ସେତିକି ନୁହେଁ, ୨୮ଟି ଜୋରିମାନା ମଧ୍ୟରୁ ମାତ୍ର ୪ଟି ଆଦାୟ ହୋଇପାରିଛି । ଓଡିଶା ସୂଚନା ଅଧିକାର ନିୟମାବଳୀ, ୨୦୦୫ର ନିୟମ-୯ ଅନୁଯାୟୀ ସଂପୃକ୍ତ ଅଧିକାରୀମାନେ ଯଦି ଦଣ୍ଡବିଧାନ ଘୋଷଣାର ୩୦ ଦିନ ଭିତରେ ସ୍ୱେଚ୍ଛାରେ ଜୋରିମାନା ଅର୍ଥପଇଠ ନକରନ୍ତି ତେବେ ଏହା ତାଙ୍କ ଦରମାରୁ ଆପେ ଆପେ କଟିଯିବ, ଏବଂ ତାହା ଯଦି ସମ୍ଭବ ନହୁଏ, ତେବେ ନିୟମ-୧୩ ଅନୁଯାୟୀ ଏହି ଅନାଦେୟ ଅର୍ଥ ତାଙ୍କର ଜମିବାଡି ନିଲାମ କରି ଆଦାୟ କରାଯିବ । ସୁତରାଂ ପ୍ରଶ୍ନ ଉଠୁଛି, ଜୋରିମାନା ଅର୍ଥକୁ ଫାଙ୍କି ଚାଲିଥିବା ଏହି ସରକାରୀ ଅଧିକାରୀମାନଙ୍କ ବିରୁଦ୍ଧରେ କମିଶନ୍ କି ପଦକ୍ଷେପ ସୁପାରିଶ୍ କରିଛନ୍ତି ? ଯେତେବେଳେ ଆଇନ୍‌ର ନିର୍ଦ୍ଦେଶନା ମତେ ସାରା ଦେଶରେ ବି.ପି.ଏଲ୍. ପରିବାରମାନଙ୍କ ପାଇଁ ସୂଚନାର ମୂଲ୍ୟ ବାବଦ ଫିସ୍ ଛାଡ କରାଯାଇଛି, କେବଳ ହିଁ ଓଡିଶା କମିଶନ୍ ରାଜ୍ୟ ନିୟମାବଳୀର ଦ୍ୱାହି ଦେଇ ସେମାନଙ୍କ ଠାରୁ ଅଲବତ୍ ଏ ପଇସା ଆଦାୟ ହେବ ବୋଲି ରାୟ ଦେଇଛନ୍ତି (ଦ୍ରଷ୍ଟବ୍ୟ- ୨୦୦୬ର ଅଭିଯୋଗ ସଂଖ୍ୟା ୧୧ ଓ ୧୨ ଉପରେ କମିଶନ୍‌ଙ୍କ ନିଷ୍ପତ୍ତି ତାରିଖ ୧୧ଜୁଲାଇ ୨୦୦୬) । କିନ୍ତୁ ଆଇନ୍ ଅବଜ୍ଞାକାରୀ ଅଧିକାରୀମାନଙ୍କ ଠାରୁ ବକେୟା ଜୋରିମାନା ଆଦାୟ କଲାବେଳକୁ କମିଶନ୍ ଓଡିଶା ନିୟମାବଳୀକୁ ସେତିକି କଡାକଡି ଭାବେ ପ୍ରୟୋଗ କରୁଛନ୍ତି କି ? କମିଶନ୍‌ଙ୍କ ଏପ୍ରକାର ଦ୍ୱୈତ ଆଚରଣକୁ ଆଉ କେହି ବୁଝିଥାନ୍ତୁ ବା ନଥାନ୍ତୁ , ଉଚ୍ଚପଦସ୍ଥ ସରକାରୀ ଅମଲାମାନେ ଭଲକରି ଠମରାଇ ପାରିଛନ୍ତି । ତେଣୁ ସେମାନେ କମିଶନ୍‌ଙ୍କ ପାର୍ଥିବ ଖୁସି ପାଇଁ ରାଜକୋଷରୁ କମିଶନ୍ ଚାହିଁବା ମତେ ବିପୁଳ ଅର୍ଥ ଯୋଗାଇ ଦେଉଛନ୍ତି । ଉଦାହରଣ ସ୍ୱରୂପ, ୨୦୦୬-୦୭ ଆର୍ଥିକ ବର୍ଷରେ କେନ୍ଦ୍ରୀୟ କମିଶନ୍‌ରେ ଥିବା୫ଜଣ କମିଶନର୍‌ଙ୍କ ଜାତୀୟ ସ୍ତରରେ ଗସ୍ତ ପାଇଁ ୧୦ ଲକ୍ଷ ବ୍ୟୟବରାଦ ହୋଇଥିବା ବେଳେ ଓଡିଶା କମିଶନ୍‌ରେ ଥିବା ମାତ୍ର ୨ଜଣ କମିଶନର୍‌ଙ୍କ ମୂଳତଃ ରାଜ୍ୟ ଭିତରେ ଗସ୍ତ ପାଇଁ ୧୦ ଲକ୍ଷ ଟଙ୍କା ଯୁକ୍ତ ୩ଲକ୍ଷ ଟଙ୍କାର ଏଲ୍.ଟି.ସି., ମୋଟ ୧୩ ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି । ଏହାଛଡା, କେବଳ ଅଣଶୀର୍ଷକ ବ୍ୟୟ (ଲମ୍ପ ପ୍ରଭିଜନ୍) ବାବଦକୁ ୨୦୦୬-୦୭ରେ ୬୦ଲକ୍ଷ ଟଙ୍କାର ବରାଦ କରାଯାଇଥିବା ବେଳେ ୨୦୦୭-୦୮ ରେ ଏହାକୁ ୧ କୋଟିକୁ ବୃଦ୍ଧି କରାଯାଇଛି । ଅତୀତରେ ନିଜେ ଅମଲା ଥିବା ଦୁଇ ରାଜ୍ୟ କମିଶନର୍‌ଙ୍କ ଅତିରିକ୍ତ ଅମଲାପ୍ରୀତି ପାଇଁ ଏହାଠାରୁ ବଳି ବଡ ଉପହାର କ'ଣ ଥାଇ ପାରେ ?

## ରାଜ୍ୟ ସୂଚନା କମିଶନ୍, ଆଉ ଏକ ଧଳା ହାତୀ

ଆମେ ଦେଖିଲେ, ସରକାର ଓ କମିଶନ୍ ଗୋଟିଏ କମ୍ପାନୀର ଦୁଇ ଅଂଶୀଦାର ଭାବେ କାର୍ଯ୍ୟ କରୁଛନ୍ତି, କିନ୍ତୁ ବଳି ପଡୁଛନ୍ତି ସାଧାରଣ ଲୋକେ ଓ ରାଜ୍ୟର ରାଜକୋଷ । କମିଶନ୍‌ଙ୍କ ୱେବ୍‌ସାଇଟ୍‌ର ତଥ୍ୟ ଅନୁଯାୟୀ ଗତ ଦୁଇ ବର୍ଷରେ କମିଶନ୍ ପାଇଁ ଅର୍ଥବରାଦ ହୋଇଛି ପ୍ରାୟ ୪ କୋଟି ୭୦ଲକ୍ଷ ଟଙ୍କା; କେଶ୍ ଫଇସଲା ହୋଇଛି ୧୦୫୨ । ସୁତରାଂ ପ୍ରତି କେଶ୍ ପିଛା ରାଜକୋଷରୁ ବ୍ୟୟ ହେଉଛି ପ୍ରାୟ ୪୫ହଜାର ଟଙ୍କା ଏବଂ ଦିନ ପିଛା ଫଇସଲା ହେଉଛି ହାରାହାରି ୨ଟିରୁ କମ୍ କେଶ୍ । ପୁଣି ଯେଉଁ ଅପିଲ୍‌କାରୀଙ୍କ କେଶ୍ ଫଇସଲା ହେଉଛି, ସେମାନଙ୍କ ଭିତରୁ ଅଧିକାଂଶ ବ୍ୟକ୍ତି କେଶ୍ ଫଇସଲାରେ ଅହେତୁକ ବିଳମ୍ବ, କମିଶନର୍ ଦ୍ୱୟଙ୍କ ନିଷ୍ପତ୍ତି ଓ ବ୍ୟବହାର ଓ ଏପରିକି କମିଶନ୍ କାର୍ଯ୍ୟାଳୟର କର୍ମଚାରୀମାନଙ୍କ ଆଚରଣରେ ଅତ୍ୟନ୍ତ କ୍ଷୁବ୍ଧ । ଏସବୁ କଥା ଗତ ୧୯ ନଭେମ୍ବର, ୨୦୦୭ରେ ଭୁବନେଶ୍ୱର ସି.ଓ୍ୱାଇ.ଏସ୍.ଡି. ଠାରେ ଏକ ସିଭିଲ୍ ସୋସାଇଟି ବୈଠକରେ ରାଜ୍ୟ ସୂଚନା

କମିଶନର୍ ପ୍ରଫେସର୍ ରାଧାମୋହନଙ୍କୁ ଖୋଦ୍ ଅପିଲ୍‌କର୍ତ୍ତାମାନେ ସୂଚାଇଥିଲେ । ଓଡିଶା ଖାଦ୍ୟ ଅଧିକାର ଅଭିଯାନ ଏବଂ ଏଡ୍ ଇଣ୍ଡିଆର ମିଳିତ ଉଦ୍ୟୋଗରେ ଅନୁଷ୍ଠିତ ସେହି ବୈଠକରେ ଅନ୍ୟମାନଙ୍କ ସହ ଉପସ୍ଥିତ ଥିଲେ ସୂଚନା ଅଧିକାର ଆନ୍ଦୋଳନର ଜାତୀୟ ସ୍ତରର ଜଣେ ବିଶିଷ୍ଟ ମୁଖପାତ୍ର ଶ୍ରୀ ଅରବିନ୍ଦ କେଜୁରିଓ୍ୱାଲ୍, ଓଡିଶା ହାଇକୋର୍ଟର ପ୍ରାକ୍ତନ ଜଷ୍ଟିସ୍ ଶ୍ରୀ ପ୍ରତାପ କେଶରୀ ମିଶ୍ର, ବରିଷ୍ଠ ସାମ୍ବାଦିକ ଶ୍ରୀ ରବି ଦାସ ଓ ପୂର୍ବତନ ରାଷ୍ଟ୍ର ଅର୍ଥମନ୍ତ୍ରୀ ଶ୍ରୀ ପଞ୍ଚାନନ କାନୁନ୍‌ଗୋ । ଶ୍ରୀ କେଜୁରିଓ୍ୱାଲା ମନ୍ତବ୍ୟ ଦେଇଥିଲେ ଯେ, ଯଦି ସୂଚନା ଦେବାରେ ଅବହେଳା କରୁଥିବା ପି.ଆଇ.ଓ.ମାନଙ୍କୁ କମିଶନ୍ ବିନା ଦଣ୍ଡବିଧାନରେ ଛାଡି ଦେଉଥାନ୍ତି, ତେବେ କାଳକ୍ରମେ ଲୋକେ କମିଶନ୍ ଉପରୁ ଆସ୍ଥା ହରାଇ ବସିବେ ଏବଂ କମିଶନ୍ ଆଗରେ ଆଉ ଫେରାଦ୍ ହେବାକୁ ଭରସା କରିବେ ନାହିଁ, ଏବଂ ଏହିପରି ଓଡିଶାରେ ସୂଚନା ଅଧିକାର ଆଇନ୍‌ର ଶୀତଳ ମୃତ୍ୟୁ ଘଟିବ ।

## ସରକାରଙ୍କ ନୂଆ ଢାଲ ରାଜ୍ୟ ସୂଚନା କମିଶନ୍

ସରକାର ଓ କମିଶନ୍‌ଙ୍କ କୋଳାକୋଳି ଭିତରେ କେବଳ ଲୋକେ ବଳି ପଡୁନାହାନ୍ତି , ବରଂ ମୂଳ ଆଇନ୍ ହିଁ ପଦଦଳିତ ହୋଇଚାଲିଛି । କେନ୍ଦ୍ର କି ଅନ୍ୟ କେଉଁ ରାଜ୍ୟରେ ସୂଚନା ପାଇଁ ଆବେଦନ ସକାଶେ ଏକ ସୁଦୀର୍ଘ ୧୧-ସ୍ତମ୍ଭ ବିଶିଷ୍ଟ ଲିଖିତ ଫର୍ମକୁ ଲର୍ଦ ଦିଆଯାଇନି କି ତଥାକଥିତ ନାଗରିକତ୍ୱର ପ୍ରମାଣ ପାଇଁ ଭୋଟର୍ ପରିଚୟ ପତ୍ର ବା ପାସ୍‌ପୋର୍ଟର ନକଲ ଦାଖଲକୁ ବାଧ୍ୟତାମୂଳକ କରାଯାଇନି । ଏହି ପ୍ରଶ୍ନ ସରକାରୀ ପଦାଧିକାରୀ ଓ ସୂଚନା କମିଶନର୍ ଦ୍ୱୟଙ୍କୁ ବାରମ୍ବାର ପଚରାଯାଇଛି ଯେ, ଜଣେ ୧୭ବର୍ଷର ପୁଅ କି ଝିଅ, ଯେ କି ଭୋଟର୍ ନୁହେଁ କିମ୍ବା ଯା'ର ପାସ୍‌ପୋର୍ଟ ନାହିଁ, ସେ ଓଡିଶା ସରକାରଙ୍କ କାର୍ଯ୍ୟାଳୟରୁ କିପରି ସୂଚନା ପାଇଁ ଆବେଦନ କରିପାରିବ ? ସେହି ସତରବର୍ଷର ପିଲା ଯଦି ସାଦା କାଗଜରେ ନିଜ ଭାଷାରେ ଦରଖାସ୍ତ ଲେଖି କେନ୍ଦ୍ରର ପ୍ରତିରକ୍ଷା ବିଭାଗରୁ ସୂଚନା ପାଇ ପାରୁଛି, ତେବେ ତା' ଗାଁ ପଞ୍ଚାୟତ କାର୍ଯ୍ୟାଳୟରୁ ଇନ୍ଦିରା ଆବାସ ସମ୍ବନ୍ଧୀୟ ଏକ ସୂଚନା ପାଇବା ପାଇଁ ସେ କାହିଁକି ବଞ୍ଚିତ ହେଉଛି ? ସେହିପରି କେନ୍ଦ୍ରୀୟ ସ୍ତରରେ ଏବଂ ଅନ୍ୟ ବହୁ ରାଜ୍ୟରେ ପ୍ରଥମ କି ଦ୍ୱିତୀୟ ଅପିଲ୍ କରିବା ପାଇଁ କୌଣସି ଫର୍ମ କି ଫିସ୍ ଦରକାର ହେଉନଥିବା ବେଳେ ଓଡିଶାରେ ଏହି ଉଭୟ ଆବଶ୍ୟକତାକୁ ବାଧ୍ୟତାମୂଳକ କରାଯାଇଛି ଏବଂ ଏହି ଫିସ୍ (ଯଥାକ୍ରମେ ୨୦ ଓ ୨୫ ଟଙ୍କା)କୁ କେବଳ କୋର୍ଟ ଫି ମାଧ୍ୟମରେ ଦାଖଲ କରାଯିବ ବୋଲି ପ୍ରାବ୍‌ଧାନ ରଖାଯାଇଛି । ଏହାର ପରିଣତି ସ୍ୱରୂପ, କେବଳ ସହରାଞ୍ଚଳର ମୁଷ୍ଟିମେୟ ଶିକ୍ଷିତ ବ୍ୟକ୍ତିଙ୍କ ଭିତରେ ଅପିଲ୍‌ର ଅଧିକାର ସୀମିତ ହୋଇପଡିଛି । ଏସବୁ ଆଇନ୍-ବହର୍ଭୁତ ଅବାନ୍ତର ନିୟମାବଳୀକୁ ରାଜ୍ୟ ସରକାରଙ୍କ କିଛି ଉଚ୍ଚପଦସ୍ଥ ଅମଲା  ଜାଣିଶୁଣି ଗଢିଛନ୍ତି, ଯାହା ଫଳରେ ଆପେଆପେ ଲୋକେ ସୂଚନା ଅଧିକାର ଆଇନ୍ ଠାରୁ ବିମୁଖ ହୋଇପଡିବେ ଏବଂ ସେମାନଙ୍କର ଗୋପନୀୟତା ଏବଂ ଦୁର୍ନୀତିର ରାଜ୍ ପୂର୍ବ ଭଳି କାଏମ୍ ରହିଥିବ । କିନ୍ତୁ କ୍ଷୋଭର ବିଷୟ, ଏସବୁକୁ ସଂଶୋଧନ ପାଇଁ କମିଶନ୍ ଆଇନ୍‌ର ଧାରା ୨୫(୫) ଅନୁଯାୟୀ କ୍ଷମତାପ୍ରାପ୍ତ ହୋଇଥିଲେ ହେଁ, 'ଶୁଣ୍ଢୀ ସାକ୍ଷୀ ମାତାଲ୍' ନ୍ୟାୟରେ ସେ ସରକାରୀ ଅମଲାମାନଙ୍କୁ ହାଁଜି କରି ଚାଲିଛନ୍ତି ।

## କମିଶନ୍‌ଙ୍କ ନୂଆ ଚକ୍କର

କେତେକ ନିର୍ଦ୍ଦିଷ୍ଟ ଅମଲାଙ୍କ ନ୍ୟସ୍ତସ୍ୱାର୍ଥ ସାଧନ କରିବା ପାଇଁ କମିଶନ୍ ନିକଟ ଅତୀତରେ ଉଭୟ ସୂଚନା ଅଧିକାର ଆଇନ୍ ଓ ଓଡିଶା ସୂଚନା କମିଶନ୍ (ଅପିଲ୍ ପ୍ରକ୍ରିୟା) ନିୟମାବଳୀକୁ ନଗ୍ନଭାବେ ଉଲଂଘନ କରି ଏଭଳି ଦୁଇଟି କୁତ୍ସିତ ପରମ୍ପରା ସୃଷ୍ଟି କରିଛନ୍ତି, ଯାହାକି ଦୁଇ ସୂଚନା କମିଶନର୍‌ଙ୍କ ଚରିତ୍ରକୁ ସନ୍ଦେହାଚ୍ଛନ୍ନ କରିଛି । ପ୍ରଥମତଃ ଉପରୋକ୍ତ ଦୁଇ ବିଧାନରେ ଜଣେ ଅଭିଯୋକ୍ତା ବା ଅପିଲ୍‌କର୍ତ୍ତାଙ୍କୁ ସ୍ୱାଧୀନତା ଦିଆଯାଇଛି ସେ ଶୁଣାଣି ବେଳେ ନିଜେ ଉପସ୍ଥିତ ରହିପାରନ୍ତି, ନରହିପାରନ୍ତି ବା ଯେକୌଣସି ବ୍ୟକ୍ତି ମାଧ୍ୟମରେ ନିଜର ବକ୍ତବ୍ୟ ରଖିପାରନ୍ତି ଏବଂ ସେହି ବ୍ୟକ୍ତିଜଣକ ପେଷାଦାରୀ ଓକିଲ ହୋଇଥିବା ଜରୁରୀ ନୁହେଁ । କିନ୍ତୁ ଏହି ସ୍ୱାଧୀନତା ଜଣେ ପି.ଆଇ.ଓ.ଙ୍କୁ  ଦିଆଯାଇନି; ସେ ବ୍ୟକ୍ତିଗତ ଭାବେ ଶୁଣାଣି ବେଳେ ଉପସ୍ଥିତ ରହି ଆଗତ ଅଭିଯୋଗ ପରିପ୍ରେକ୍ଷୀରେ ନିଜର କୈଫିୟତ ଦେବାକୁ ବାଧ୍ୟ (ଦ୍ରଷ୍ଟବ୍ୟ- ଆଇନ୍‌ର ଧାରା ୨୦-୧) । କିନ୍ତୁ କମିଶନ୍ ୨୭ ଫେବୃଆରୀ ୨୦୦୭ରେ ଗୋଟିଏ କେଶ୍ (ନମ୍ବର- ଏସ୍.ଏ.-୧୩୮/୨୦୦୬) ର ଶୁଣାଣି କରିଛନ୍ତି, ଯେଉଁଥିରେ ଓଡିଶା ପୋଲିସ୍ ଗୃହଯୋଗାଣ ଏବଂ କଲ୍ୟାଣ ନିଗମର ପି.ଆଇ.ଓ. ଏବଂ ଅପିଲ୍ ଅଧିକାରୀ ପ୍ରତିପକ୍ଷ ଭାବେ ଉପସ୍ଥିତ ରହିବା ଆଇନତଃ ଅନିବାର୍ଯ୍ୟ ଥିଲା; ଅଥଚ ନିଜେ ଉପସ୍ଥିତ ନହୋଇ ସେମାନେ ଓକିଲ ପଠାଇଥିଲେ । କମିଶନ୍ କେବଳ ଯେ ଓକିଲ ଜରିଆରେ ସେମାନଙ୍କର ପ୍ରତିନିଧିତ୍ୱକୁ ଗ୍ରହଣ କରିଥିଲେ ତାହା ନୁହେଁ, ସୂଚନା ପ୍ରଦାନରେ ସେମାନେ ବିଳମ୍ବ ଘଟାଇଥିବା ସତ୍ତ୍ୱେ ସେମାନଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିଲେ ତଥା ନିଜ ରାୟରେ ସେମାନଙ୍କ ନାମକୁ ଉହ୍ୟ ରଖିଥିଲେ, ଯାହା ଫଳରେ କି ଭବିଷ୍ୟତରେ ସେମାନଙ୍କ ଚାକିରୀ ଜୀବନ ଉପରେ କୌଣସି ଆଞ୍ଚ ଆସିବ ନାହିଁ । ଦ୍ୱିତୀୟତଃ ଲକ୍ଷ୍ୟ କରାଯାଉଛି ଯେ, ପି.ଆଇ.ଓ. ଏବଂ ଅପିଲ୍ ଅଧିକାରୀଙ୍କ ନାମକୁ ନିଜ ରାୟରୁ ଗୋପନୀୟ ରଖିବା କମିଶନ୍‌ଙ୍କର ଏକ ବର୍ଦ୍ଧିଷ୍ଣୁ ଅଭ୍ୟାସରେ ପରିଣତ ହେବାକୁ ଯାଉଛି । ଗତ ୧୯ ନଭେମ୍ବରରେ ଅନୁଷ୍ଠିତ ଉପରୋକ୍ତ ବୈଠକରେ ଓଡିଶା ଖାଦ୍ୟ ଅଧିକାର ଅଭିଯାନ ତରଫରୁ ଶ୍ରୀ ପ୍ରଦୀପ ପ୍ରଧାନ ଜାନୁଆରୀରୁ ମାର୍ଚ୍ଚ ୨୦୦୭ ମଧ୍ୟରେ କମିଶନ୍‌ଙ୍କର ୨୦ଟି ରାୟର ଏକ ସମୀକ୍ଷା ଉପସ୍ଥାପନ କରିଥିଲେ ଏବଂ ସେଥିରେ ସେ ଦର୍ଶାଇଥିଲେ ଯେ, ୨୦ଟି ମଧ୍ୟରୁ ୫ଟି ରାୟରେ ସଂପୃକ୍ତ ଅଧିକାରୀମାନଙ୍କ ନାମ ମୋଟେ ସୂଚୀତ ହୋଇନାହିଁ ଏବଂ ସମସ୍ତେ ନିର୍ଦ୍ଦୋଷରେ ଖଲାସ । ଏହା କ'ଣ ଆକସ୍ମିକ ଏବଂ ଅନିଚ୍ଛାକୃତ ? ମୋଟେ ନୁହେଁ । ଏହା ପଛରେ ମଧ୍ୟ ସେହି ପ୍ରକାର ଏକ ଚକ୍କର ଅଛି, ଯାହା କି ପୂର୍ବବର୍ତ୍ତୀ କିସମର ବ୍ୟତିକ୍ରମ ପଛରେ ନିହିତ । ସୁତରାଂ ଓଡିଶାର ସଚେତନ ନାଗରିକ ସମାଜ ଯଦି ସରକାରୀ ଅମଲା ଓ କମିଶନ୍‌ଙ୍କ ଭିତରେ ଚାଲୁ ରହିଥିବା ଏହି ଗୋପନ ମଧୁଚନ୍ଦ୍ରିକା ବିଷୟରେ ବେଳହୁଁ ହୁସିଆର୍ ନହୁଅନ୍ତି, ତେବେ ଓଡିଶା ଯେମିତି ଦାରିଦ୍ର୍ୟ, ଶିଶୁମୃତ୍ୟୁ, ଅନାହାର ମୃତ୍ୟୁ, ପିଲାବିକ୍ରୀ, କଲେରା ମୃତ୍ୟୁ ଆଦି କ୍ଷେତ୍ରରେ ଦେଶର ଆଗୁଆ ରାଜ୍ୟ ସାଜିଛି, ଠିକ୍ ସେହିପରି ଅଳ୍ପଦିନ ଭିତରେ ସୂଚନା ଅଧିକାର ଆଇନ୍‌ର ନିକୃଷ୍ଟତମ ଛବି ଦୃଷ୍ଟିରୁ ଏହା ମଧ୍ୟ ଭାରତର ପହିଲା ନମ୍ବର ରାଜ୍ୟ ଭାବେ ରେକର୍ଡ କରିବ ।

**Chitta Behera, 4A Jubilee Tower, Choudhury Bazar, Cuttack-9, Email: chittabehera1@yahoo.co.in, Mob: 94375-77546, 8th Jan. 2008**